ଯଦି ବର୍ଷାଦିନେ ଶୁଷ୍କ ଅବସ୍ଥା ଦେଖାଦିଏ, ତେବେ ଫୁଲ ଧରିବା ସମୟରେ ଥରେ ଜଳସେଚନ କଲେ ଭଲ ଅମଳ ମିଳିଥାଏ। ଧାନ ଅମଳ ପରେ ମାଟିରେ ଥିବା ବତରକୁ ଉପଯୋଗ କରି ବିରି ଚାଷ କରାଯାଇଥାଏ। ଯଦି ଜଳ ସେଚନର ସୁବିଧା ଥାଏ ତେବେ ରବି ଋତୁରେ ଗଛର ଫଳ ବଢ଼ିବା ସମୟରେ ଥରେ ଲଘୁ ଜଳସେଚନ କଲେ ଭଲ ଅମଳ ହୋଇଥାଏ। ଏହା ବ୍ୟତୀତ, ଅତିକମ୍‌ରେ ତିନୋଟି ଜଳସେଚନ ଯଥା (ବିହନ ବୁଣିବାର ୨୦-୨୫ ଦିନପରେ), ଫୁଲ ଧରିବା ସମୟରେ (ବିହନ ବୁଣିବାର ୩୦-୪୦ ଦିନ ମଧ୍ୟରେ) ଓ ଫଳ ବଢ଼ିବା ସମୟରେ ଆବଶ୍ୟକ ପଡ଼ିଥାଏ।

## ଫସଲ ସଂରକ୍ଷଣ (Crop Protection)

### ଅନିଷ୍ଟକାରୀ କୀଟ

**ଧଳାମାଛି-** ସାହେବୀ ରୋଗ ଭୂତାଣୁର ବାହକ ଅଟେ। ଏମାନଙ୍କୁ ଦମନ କରିବାକୁ ହେଲେ ଡାଇମେଥୋଏଟ୍ ୩୦ ଇ.ସି. କିମ୍ବା ଟ୍ରାଇଆଜୋଫସ୍ ୪୦ ଇ.ସି. ଏକ ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ।

**ଜଉପୋକ-** ଜଉ ପୋକ ଗଛର କଅଁଳ ପତ୍ର, କାଣ୍ଡ, କଢ଼, ଫୁଲ ଓ ଫଳ ରସ ଶୋଷଣ କରି ଖାଇଥାଆନ୍ତି। ଆକ୍ରାନ୍ତ ଗଛଗୁଡ଼ିକ ନିରସିଆ ଦେଖାଯିବା ସହ ଅଧିକ ଆକ୍ରାନ୍ତ ହେଲେ ଗଛ ଝାଉଁଳି ପଡ଼ି ମରିଯାଇଥାଏ। ଏମାନଙ୍କୁ ଦମନ କରିବାକୁ ହେଲେ ମିଥାଇଲ୍ ଡିମେଟନ୍ ୨୫ ଇ.ସି. ବା ଡାଇମେଥାଏଟ୍ ୩୦ ଇସି ଏକ ଲିଟର ପାଣିରେ ୨ମି.ଲି. ହିସାବରେ ଗୋଳାଇ ଫସଲରେ ସିଞ୍ଚନ କରିବା ଆବଶ୍ୟକ।

**ପତ୍ରଖିଆ ଓ ଛୁଇଁ ବିନ୍ଧା ପୋକ-** ଏମାନଙ୍କୁ ଦମନ କରିବାକୁ ହେଲେ ପ୍ରୋପେନୋଫସ୍ ୫୦ଇ.ସି. ବା କୁଇନାଫସ୍ ୨୫ ଇ.ସି.କୁ ଏକ ଲିଟର ପାଣିରେ ୨ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ।

**ଉକୁଣି ପୋକ (ଥ୍ରିପସ୍)-** ଏମାନେ ବିରି ଫସଲରେ ଫୁଲକୁ ଅଧିକ ସଂଖ୍ୟାରେ ଆକ୍ରମଣ କରିଥାନ୍ତି। ଆକ୍ରାନ୍ତ ଫୁଲଗୁଡ଼ିକ ଝଡ଼ିଯାଏ। କେତେକ କ୍ଷେତ୍ରରେ ଫସଲରୁ କୌଣସି ଦାନା ମିଳି ନଥାଏ। ଏମାନଙ୍କୁ ଦମନ କରିବା ପାଇଁ ଫସଲରେ ଡାଇମେଥୋଏଟ୍ ୩୦ଇ.ସି. କୁଇନାଲ୍‌ଫସ୍ ୨୫ ଇ.ସି. ଓ ଫୋସାଲୋନ୍ ୩୫ ଇ.ସି. ଆଦି ଔଷଧରୁ କେବଳ ଗୋଟିଏ ନେଇ ଏକ ଲିଟର ପାଣିରେ ୨ମି.ଲି. ହିସାବରେ ଗୋଳାଇ ସିଞ୍ଚନ କଲେ ସୁଫଳ ମିଳିଥାଏ।

## ରୋଗ (Disease)

### ଚେର ସଢ଼ା ରୋଗ

ବିଶୋଧନ କରି ବିହନ ବ୍ୟବହାର କରନ୍ତୁ। ଚେରସଢ଼ା ଦମନ ପାଇଁ ପ୍ରତି ଲିଟର ପାଣିରେ ମେଟାଲାକ୍ସିଲ୍ ଓ ମାନକୋଜେବ୍ ମିଶ୍ରଣରୁ ୨ଗ୍ରାମ୍ ହିସାବରେ ହେକ୍ଟର ପ୍ରତି ୧କି.ଗ୍ରା.କୁ ୫୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଏହା ସହିତ ଜମିରେ ଠିଆ ପାଣି ରଖନ୍ତୁ ନାହିଁ।

**ପତ୍ରଦାଗ ରୋଗ-** ଏହାର ଦମନ ପାଇଁ ମାନକୋଜେବ୍ ୧.୫କି.ଗ୍ରା. କିମ୍ବା ୧କି.ଗ୍ରା. କାଫଟାଫଲ/ କ୍ୟୁମାନ୍‌ଏଲ୍‌କୁ ଅଦଳ ବଦଳ କରି ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଝାଉଁଳା ରୋଗ-** ବିଶୋଧନ କରି ବିହନ ବ୍ୟବହାର କରନ୍ତୁ। ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପାଉଁଶିଆ ରୋଗ-** ଏହାର ଦମନ ପାଇଁ ହେକ୍ଟର ପ୍ରତି ୨କି.ଗ୍ରା. ହିସାବରେ ସଲଫର୍ ସେଚିତ ଗୁଣ୍ଡ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ସାହେବୀ ରୋଗ-** ରୋଗ ଆରମ୍ଭରୁ ହଳଦିଆ ପଡ଼ିଯାଇଥିବା ଗଛକୁ ଉପାଡି ବାହାର କରି ଦିଅନ୍ତୁ। ଏହି ରୋଗ ଦମନ ପାଇଁ ଏହାର ବାହାକ ଧଳା ମାଛି କୀଟକୁ ଦମନ କରିବା ଆବଶ୍ୟକ।

## ଅମଳ (Yield)

ବିରି ପାଳକ ହେଲେ ଫଳ ପ୍ରାୟତଃ କଳା ରଙ୍ଗର ହୋଇଥାଏ। ଛୁଇଁ ପାକଳ ହୋଇଗଲେ ଗଛରୁ ତୋଳି ଦିଅନ୍ତୁ କିମ୍ବା ୮୦-୯୦ ଭାଗ ଛୁଇଁ ଗଛରେ ପାକଳ ହୋଇଗଲେ ଗଛଗୁଡ଼ିକୁ ଉପାଡ଼ି ଦିଅନ୍ତୁ। ଗଛ ବା ଛୁଇଁ ଶୁଖିଲା ପରେ ବାଡ଼େଇ କରି ଅମଳ କରନ୍ତୁ। ଖଳାରେ ଗୋଟିଏ କିସମର ବିରି ରଖିବା ଦରକାର। ଅମଳ ପରେ ବିହନକୁ ଖରାରେ ଶୁଖାଯାଏ, ଯେପରି ଆର୍ଦ୍ରତା ୯%କୁ କମିବ। ହେକ୍ଟର ପ୍ରତି ୧୦-୧୨ କ୍ୱିଣ୍ଟାଲ୍ ବିରି ଅମଳ ହୋଇଥାଏ।

# ଉନ୍ନତ ପ୍ରଣାଳୀରେ ବିରି ଚାଷ

# Improved Method of Blackgram Cultivation



*Project Supported by:*

**SEED Division**
Department of Science & Technology
Govt. of India

*Prepared by:*

**Prof. A.N. Dash, PI**
**Socio Cultural Development Centre**
At- Pandia, Po- Biridi Road, Dist.- Jagatsinghpur
Odisha, Pin- 754111
E-mail: scdcbls@yahoo.in

## ଡାଲିଜାତୀୟ ଫସଲର ବିହନ ଉତ୍ପାଦନ (Seed Production for Blackgram)

ଡାଲି କେଉଁ ଆବାହମାନ କାଳରୁ ଆମ ଖାଦ୍ୟର ଏକ ମୁଖ୍ୟ ଉପାଦାନ ଅଟେ। ଡାଲି ଶସ୍ୟରେ ୨୦ରୁ ୩୨ ପ୍ରତିଶତ ପୁଷ୍ଟିସାର ରହିଥିବାରୁ ଆମ ଖାଦ୍ୟରେ ଏହା ଏକ ବିଶେଷ ସ୍ଥାନ ଅଧିକାର କରିଛି। ଆମ ନିତି ଦିନିଆ ଖାଦ୍ୟ ଭାତ କିମ୍ୱା ରୁଟିରେ ଅଭାବଥିବା ଅତ୍ୟାବଶ୍ୟକ ଆମିନୋ ଅମ୍ଳର ଚାହିଦା ଡାଲି ପୂରଣ କରିଥାଏ। ତେଣୁ ଭାତ କିମ୍ବା ରୁଟି ସହ ଡାଲି ମିଶାଇ ଖାଇବା ବିଜ୍ଞାନ ସମ୍ମତ ଅଟେ। ଏହା ସହ ଡାଲିଜାତୀୟ ଫସଲ ଚେରର ଗୁଟିକାରେ ଥିବା ସହଜୀବି ରାଇଜୋବିୟମ୍ ଜୀବାଣୁ ବାୟୁମଣ୍ଡଳରେ ମୁକ୍ତ ଭାବରେ ରହିଥିବା ଯବକ୍ଷାରଜାନକୁ ମାଟିରେ ବିବନ୍ଧନ କରି ମାଟିର ଉର୍ବରତା ଓ ଗୁଣବତ୍ତା ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଆମ ଦେଶରେ ବୁଟ, ହରଡ଼, ମୁଗ, ବିରି, ମସୁର, ମଟର, ଖେସାରି, ରାଜମା ଓ କୋଳଥ ଆଦି ମୁଖ୍ୟ ଡାଲି ଜାତୀୟ ଫସଲ ଚାଷ ହେଉଥିବା ବେଳେ ଆମ ରାଜ୍ୟରେ ଚାଷ କରାଯାଉଥିବା ଡାଲି ଜାତୀୟ ଫସଲ ଗୁଡ଼ିକ ହେଲା ମୁଗ, ବିରି, ହରଡ଼, କୋଳଥ ଓ ଖେସାରୀ।

## ବିହନ କିସମ (Seed Variety)

ଆମ ରାଜ୍ୟରେ ଚାଷ କରାଯାଉଥିବା ବିରିର କେତେକ ବିଜ୍ଞାପିତ କିସମ ବିହନର ତଥ୍ୟାବଳୀ ସାରଣୀ-୧ ରେ ପ୍ରଦାନ କରାଯାଇଛି।

## ଜମି ପ୍ରସ୍ତୁତି (Land Preparation)

ଜମିକୁ ୨/୩ ଓଡ଼ ଚାଷ କରି, ମଇମାରି ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ସମୟରେ ହେକ୍ଟରକୁ ୫ ଟନ୍ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ।

## ବିହନ ବୁଣିବା ସମୟରେ (Seed Sowing time & Seed Rate)

ବର୍ଷା, ପ୍ରାକ୍ ରବି, ରବି ଓ ଗ୍ରୀଷ୍ମ ଋତୁରେ ଯଥାକ୍ରମେ ଜୁଲାଇ, ସେପ୍ଟେମ୍ବର, ନଭେମ୍ବର ଓ ମାର୍ଚ୍ଚ ମାସର ପ୍ରଥମ ସପ୍ତାହ ମଧ୍ୟରେ ବୁଣା ବୁଣି ସରିବା ଉଚିତ୍। ଜମି ପ୍ରସ୍ତୁତି ପରେ ବିହନକୁ ଧାଡ଼ିରେ ବୁଣିବା ଉଚିତ୍। ଫସଲକୁ ଧାଡ଼ିରେ ବୁଣିଲେ ହେକ୍ଟରକୁ ୨୫ କି.ଗ୍ରା ବିହନ ଆବଶ୍ୟକ ହୋଇଥାଏ। ଧାଡ଼ିରେ ବିହନ ବୁଣିଲେ ଗଛ ସଂଖ୍ୟା ଠିକ୍ ରୁହେ ଏବଂ ଅନ୍ତଃ ଚାଷ ଓ ଘାସ ନିୟନ୍ତ୍ରଣ ସହଜରେ କରିହୁଏ। ବର୍ଷା ଋତୁରେ ଧାଡ଼ିକୁ ଧାଡ଼ି ୩୦ ସେଣ୍ଟିମିଟର ବ୍ୟବଧାନ ଓ ଶୀତ ଏବଂ ଗ୍ରୀଷ୍ମ ଋତୁରେ ୨୫ ସେଣ୍ଟିମିଟର ବ୍ୟବଧାନ ତଥା ମଞ୍ଜି ୧୦ ସେଣ୍ଟିମିଟର ବ୍ୟବଧାନରେ ବୁଣିବା ଉଚିତ୍। ବିହନ ବୁଣା ଯନ୍ତ୍ର ବ୍ୟବହାର କଲେ ପ୍ରଥମେ ଭଲଭାବେ ଯାଞ୍ଚ କରିବା ଦରକାର ଯେପରି ସେଥିରେ ଅନ୍ୟ କୌଣସି ବିହନ ନଥାଏ।

## ବିହନ ବିଶୋଧନ ଓ ଜୀବାଣୁ ସାରର ପ୍ରୟୋଗ (Seed Treatment)

ବୁଣିବା ପୂର୍ବରୁ ପ୍ରତି ୧ କି.ଗ୍ରା ମଞ୍ଜି ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରିବା ଆବଶ୍ୟକ। ଏହାଦ୍ୱାରା ପତ୍ର ଦାଗ, ଝାଉଁଳା, ଚାରା ଗଛ ପଚିଯିବା ରୋଗ ଦାଉରୁ ରକ୍ଷା ମିଳେ। ବିହନ ବିଶୋଧନ ପରେ ୨୦୦ ଗ୍ରାମ୍ ରାଇଜୋବିୟମ୍ ଜୀବାଣୁ ସାର ଓ ୨୦୦ ଗ୍ରାମ ଫସ୍‌ଫେଟ୍ ଦ୍ରବଣକାରୀ ଜୀବାଣୁ ସାରକୁ ୮୦୦ ମିଲିମିଟର ପାଣିରେ ମିଶାଇ ଏହି ମଣ୍ଡକୁ ୧୦ କିଲୋ ମଞ୍ଜିରେ ଗୋଳାଇ ପରିଷ୍କାର ଚଟାଣ କିମ୍ବା ପ୍ଲାଷ୍ଟିକ୍ ଚଦର ଉପରେ ଛାଇରେ ଶୁଖାଇ ଜମିରେ ବୁଣିବା ଦରକାର।

### ସାରଣୀ-୧ : ଓଡ଼ିଶା ପାଇଁ ଅନୁମୋଦିତ ବିରି କିସମ

### Table-1 : Approved Blackgram Variety for Odisha

| କ୍ର. | କିସମ | ବୁଣିବା ସମୟ (ଋତୁ) | ଅବଧି (ଦିନ) | ଅମଳ କ୍ଷମତା (କ୍ୱିଣ୍ଟାଲ/ହେକ୍ଟର) |
|---|---|---|---|---|
| ୧. | ସାରଳା | ବର୍ଷା, ପ୍ରାକ୍‌ରବି, ରବି | ୭୦-୭୫ | ୮.୦ |
| ୨. | ପ୍ରସାଦ (ବି୩-୮-୮) | ବର୍ଷା, ପ୍ରାକ୍‌ରବି, ରବି | ୬୫-୭୦ | ୧୦.୦ |
| ୩. | ଉଜାଳା (ଓ.ବି.ଜି ୧୭) | ବର୍ଷା, ପ୍ରାକ୍‌ରବି, ରବି | ୬୫-୭୦ | ୯.୦ |
| ୪. | ମାହୁରି (ଓ.ବି.ଜି ୩୧) | ବର୍ଷା, ପ୍ରାକ୍‌ରବି | ୬୫-୭୫ | ୮.୦ |
| ୫. | ପି.ୟୁ ୧୯ | ବର୍ଷା, ରବି, ଗ୍ରୀଷ୍ମ | ୭୦-୮୦ | ୮.୦ |
| ୬. | ପି.ୟୁ ୩୦ | ବର୍ଷା, ରବି, ଗ୍ରୀଷ୍ମ | ୭୦-୮୦ | ୮.୫ |
| ୭. | ପି.ୟୁ ୩୫ | ବର୍ଷା, ରବି, ଗ୍ରୀଷ୍ମ | ୭୦-୮୦ | ୮.୫ |
| ୮. | ଟି.ୟୁ ୯୪-୨ | ରବି | ୭୦-୮୦ | ୯.୦ |
| ୯. | ପି.ୟୁ ୩୧ | ବର୍ଷା, ଗ୍ରୀଷ୍ମ | ୭୦-୮୦ | ୯.୦ |
| ୧୦. | ଏଲ୍.ବି.ଜି. ୧୭ | ରବି | ୭୦-୮୦ | ୯.୦ |
| ୧୧. | ଆର.ପି.ୟୁ ୦୨-୪୩ | ବର୍ଷା, ଗ୍ରୀଷ୍ମ | ୭୦-୮୦ | ୧୦.୦ |

## ଖତ ଓ ସାର ପ୍ରୟୋଗ (Fertilizer and Manure)

ଏକ ହେକ୍ଟର ବିରି ଚାଷ ପାଇଁ ୨୦ କି.ଗ୍ରା ଯବକ୍ଷାରଜାନ, ୪୦ କି.ଗ୍ରା ଫସ୍‌ଫରସ୍ ଏବଂ ୨୦ କି.ଗ୍ରା ପଟାସ୍ ସାର ଆବଶ୍ୟକ। ବୁଣିବା ପୂର୍ବରୁ ସମୁଦାୟ ଫସଫରସ୍, ପଟାସ୍, ଓ ଅଧା ଯବକ୍ଷାରଜାନ ସିଆରରେ ପ୍ରୟୋଗ କରି ମଞ୍ଜି ବୁଣିବା ଦରକାର। ସାର ଯେପରି ମଞ୍ଜିର ସଂସ୍ପର୍ଶରେ ନଆସେ ସେଥିପାଇଁ ସିଆରରେ ସାର ପକାଇ ମାଟିରେ ଭଲ ଭାବେ ମିଶାଇବା ପରେ ମଞ୍ଜି ବୁଣିବା ଦରକାର। ଫସଲକୁ ୨୧ ଦିନ ହେଲେ କୋଡ଼ା, ଖୋସା ସାର ଓ ଘାସ ତଥା ଅନାବନା ଗଛ ବାଛି ଅବଶିଷ୍ଟ ଯବକ୍ଷାରଜାନକୁ ପ୍ରୟୋଗ କରିବା ଆବଶ୍ୟକ। ମୂଳ ସାର ସହ ହେକ୍ଟର ପ୍ରତି ୨୦ କି.ଗ୍ରା ଗନ୍ଧକ (୧୦୦ କି.ଗ୍ରା ଜିପ୍‌ସମ୍) ପ୍ରୟୋଗ କଲେ ଅମଳ ଶତକଡ଼ା ୧୦% ବଢ଼େ। ଅନୁମୋଦିତ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ଦେଲେ ସେଥିରେ ଥିବା ଗନ୍ଧକ ଫସଲର ଆବଶ୍ୟକତା ପୂରଣ କରିଥାଏ। କିନ୍ତୁ ଡି.ଏ.ପି. ସାରରେ ଗନ୍ଧକ ନଥିବାରୁ ଡି.ଏ.ପି. ବ୍ୟବହାର କଲେ ଗନ୍ଧକ ପ୍ରୟୋଗର ଆବଶ୍ୟକ ଥାଏ।

## ଅନ୍ତଃ ଚାଷ ଓ ଘାସ ଦମନ (Inter Cultural Operation)

ବିରି ଗଛଗୁଡ଼ିକ ତିନି ସପ୍ତାହର ହୋଇଗଲେ, କୋଡ଼ା ଖୋସା କରି ଅନାବନା ଗଛ ଓ ଘାସ ବାଛି ଦେବା ଦରକାର। ତା'ପରେ ଆବଶ୍ୟକ ପରିମାଣର ଯବକ୍ଷାରଜାନ ସାର ଗଛ ମୂଳରେ ପ୍ରୟୋଗ କରି ହୁଡ଼ା ଟେକି ଦେବା ଆବଶ୍ୟକ। ଆବଶ୍ୟକସ୍ଥଳେ ଗଛ ୩୦-୩୫ ଦିନ ହୋଇଗଲେ ଦ୍ୱିତୀୟ ଥର ଘାସ ବାଛିବା ଦରକାର। ତୃଣକନାଶୀ ବା ଘାସମରା ଔଷଧ ପ୍ରୟୋଗ କରି ଅନାବନା ଗଛକୁ ଦମନ କରାଯାଇପାରିବ। ସେଥିପାଇଁ ମଞ୍ଜି ବୁଣିବାର ୨୪ ଘଣ୍ଟା ମଧ୍ୟରେ ବତର ଥିବା ଅବସ୍ଥାରେ ହେକ୍ଟର ପ୍ରତି ୨.୫ ଲିଟର ପେଣ୍ଡିମେଥାଲିନ୍‌କୁ (୩୦ ଇସି) ୫୦୦ ଲିଟର ପାଣିରେ ଗୋଳାଇ ଜମିରେ ସିଞ୍ଚନ କଲେ ଘାସ ନିୟନ୍ତ୍ରଣ ହୁଏ।

## ଜଳ ନିୟନ୍ତ୍ରଣ ଓ ଜଳସେଚନ (Water Management and Irrigation)

ବର୍ଷାଦିନେ ବିରି ଫସଲରୁ ଜଳ ନିଷ୍କାସନ ହେବା ଦରକାର। ଗଛ ମୂଳରେ ଯେପରି ପାଣି ଜମି ନରହେ ସେଥିପାଇଁ ପଦକ୍ଷେପ ନେବା ଦରକାର। ବର୍ଷାଦିନେ ବିରି ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରି ଚାଷ କରାଯାଇଥାଏ। ମୌସୁମୀ ବର୍ଷା ଠିକ୍ ଭାବେ ହେଲେ ଜଳ ସେଚନର ଆବଶ୍ୟକତା ନଥାଏ।